Annual Subscription Rs. 50.00 only

# ମାତୃଭବନ ପତ୍ର

ମାସିକ ଶିକ୍ଷା ଓ ସଂସ୍କୃତି ପତ୍ରିକା

ସପ୍ତବିଂଶ ବର୍ଷ ◆ ଅଷ୍ଟମ ସଂଖ୍ୟା ◆ ଜାନୁୟାରୀ ୨୦୧୮

Whatever you do, always remember the Divine.

-**The Mother**

ଯାହା ବି କର, ସବୁ ସମୟରେ ଭଗବାନଙ୍କୁ ସ୍ମରଣ ରଖ।

- ଶ୍ରୀମା

**ମାତୃଭବନ**

ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩

୨୧.୦୨.୨୦୧୮



ମଧୁମୟୀ ଦିବ୍ୟଜନନୀ ଶ୍ରୀମାଙ୍କର ୧୪୦ତମ ପବିତ୍ର
ଜନ୍ମତିଥିରେ **"ମାତୃଭବନ ପତ୍ର"**ର
କୃତଜ୍ଞତାପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

# ଶ୍ରୀ ରାମକୃଷ୍ଣ ଦାସଙ୍କ ସହ ପତ୍ରାଳାପ...

ପ୍ରଧାନ କଥା ହେଲା- ଆପଣ ଶାନ୍ତିରେ ରୁହନ୍ତୁ, ଭୋଜନ ଭଲଭାବେ କରନ୍ତୁ। ନିଦ୍ରା ଭଲ ହେଉ। ଏହାହିଁ ଆପଣଙ୍କ ସକାଶେ ବହୁତ ଆବଶ୍ୟକ। ଭଲ ବ୍ୟବହାର ରଖିଲେ ଆପଣ ଶାନ୍ତିରେ ରହିବେ ଏବଂ ସ୍ୱାସ୍ଥ୍ୟ ଭଲ ରହିବ। ନାମଜପ ନର୍ବିବାଦରେ ଚାଲିବ।

ସବୁ ଅସୁବିଧା ଦୂର ହେବା ସକାଶେ ନିରନ୍ତର 'ମା' ଏହି ନାମ ଜପକରନ୍ତୁ। ତାଙ୍କରି ଉପରେ ଦୃଢ଼ ବିଶ୍ୱାସ ଭରସା ରଖନ୍ତୁ। ଏତିକି କଲେ ସବୁ ସମସ୍ୟା ସହଜରେ ସମାଧାନ ହେବ। ଯେଉଁ ସମସ୍ୟା ଅତ୍ୟନ୍ତ ଜଟିଳ ପ୍ରତୀତ ହେଉଛି, ନାମଜପରେ ବହୁତ ସହଜରେ ସମାଧାନ ହେବ। ନିଜେ ଶାନ୍ତିରେ ରହିଲେ ନାମଜପ ଅଧିକରୁ ଅଧିକ କରିବେ। ଆପଣ ପୂରାପୂରି ମା'ଙ୍କ ଉପରେ ନିର୍ଭରତା ରଖନ୍ତୁ। ଏହି ନିର୍ଭରତା ଦୃଢ଼ କରିବା ସକାଶେ ବାଧା ଆସୁଛି। ନାମଜପ ଏବଂ ନିର୍ଭରତା ଜୀବନର ଅମୂଲ୍ୟ ସମ୍ପଦ। ଏହା ପ୍ରାପ୍ତ ହେଲେ ସମସ୍ୟା ସବୁ ସମସ୍ୟା ହୋଇ ରହିବନାହିଁ।



**୭.୯.୮୫**

ମା'ଙ୍କ କୃପାରୁ ଆପଣ ଭଲ ଥିବେ। ଆପଣ ଭଲଭାବେ ଜାଣନ୍ତି। ପଢ଼ିଛନ୍ତି, କିନ୍ତୁ ଏବେ ଭଲଭାବେ ବୁଝି କର୍ମରେ ପରିଣତ କରିବାର ସମୟ ଆସିଛି। ଭଲ ଭାବେ ଜାଣନ୍ତି, ବାଧା ଆସେ ସାଧନାରେ ପ୍ରଗତି କରାଇବା ସକାଶେ। ଆପଣ କୁହନ୍ତି "ମୁଁ ମଣିଷ, ସହିବି କିପରି?" ସମସ୍ତ ସାଧକ ମଣିଷ। ଯେଉଁ ବିପଦ ଆସେ ତାକୁ ଅତିକ୍ରମ କରିବାର ଉପାୟ କରିବାକୁ ହୁଏ। ଅତିକ୍ରମ କରିବାର ଉପାୟ ହେଲା 'ନାମଜପ'। ଆପଣଙ୍କ ଜୀବନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କର୍ମ ହେଲା 'ନାମଜପ'। ଏହାକୁ ସର୍ବଶ୍ରେଷ୍ଠ ସ୍ଥାନ ଦିଅନ୍ତୁ। ସବୁ ବାଧାକୁ ମା'ଙ୍କ ଚରଣରେ ନିବେଦନ କରି ଦିଅନ୍ତୁ। ସେସବୁ ନଭାବି ନାମଜପ କରିବାକୁ ଚେଷ୍ଟା କରନ୍ତୁ। ସେସବୁ ଚିନ୍ତା କଲେ ଅଶାନ୍ତି ବଢ଼ିବ। ଈର୍ଷା, ରାଗ, ବିବାଦ, ବିଦ୍ରୋହ ମନକୁ ଅଧିକାର କରିନେବ। ନାମଜପ ହେବନାହିଁ। ଶରୀର ବହୁତ ଅସୁସ୍ଥ ହେବ। ଏହା ବହୁତ ଅପ୍ରିୟ। ଏକମାତ୍ର ଉପାୟ ହେଲା- ଏସବୁକୁ କୌଣସି ଗୁରୁତ୍ୱ ନଦେଇ ମା'ଙ୍କୁ ସମର୍ପଣ କରି ନିଜ ମଧ୍ୟରେ ଶାନ୍ତି, ଗୃହରେ ଶାନ୍ତି ପ୍ରତିଷ୍ଠା କରିବା। ଏହା ହେବ ନାମଜପରେ। ବିରୋଧ ଏବଂ ଚିନ୍ତାରେ ସମସ୍ୟା ସମାଧାନ ହେବା ଜଟିଳ ହେବ।

ସମର୍ପଣରେ ଏବଂ ନାମଜପରେ ସମସ୍ୟା ସମାଧାନ ନିଶ୍ଚୟ ହେବ। ଅଶାନ୍ତି, ବିରୋଧ ଦ୍ୱାରା ପରିସ୍ଥିତି ପରିବର୍ତ୍ତନ ହେବନାହିଁ। ପରିବର୍ତ୍ତନ ହେବ ନାମଜପରେ।

**୨୨.୯.୮୫**

ତୁମେ 'ମା' ଏହି ନାମ ନିରନ୍ତର ଜପ କର। ଯେତେ ସମୟ ଶ୍ରୀମାଶ୍ରୀଅରବିନ୍ଦଙ୍କ ଭବନରେ ରହିବାକୁ ଚାହିଁଲେ ରହିବ। ତୁମ ଅଞ୍ଚଳ ପ୍ରତି ମା'ଙ୍କର ବହୁତ କୃପା। ସେଠାରେ ଶ୍ରୀଅରବିନ୍ଦ ଆଶ୍ରମ ପ୍ରତିଷ୍ଠା ହେଲା। ତୁମେ ନିଜକୁ ପୂରାପୂରି ମା'ଙ୍କ ଉପରେ ଛାଡି ଦିଅ। ମା'ଙ୍କ କୃପା ସର୍ବଦା ତୁମ ସହ ରହିବ।

**୫.୭.୮୮**

ରିଲିକ୍ସ ମନ୍ଦିରରେ ତୁମେ କାମ କରୁଛ ଜାଣି ବହୁତ ଖୁସି ହେଲି। ଏହି କାର୍ଯ୍ୟ ସାକ୍ଷାତ୍ ମା'ଙ୍କ କୃପା। ତୁମ ସକାଶେ ମା'ଙ୍କ ଆଶୀର୍ବାଦ ପଠାଇଲି।

**୧୭.୭.୯୦**

ପାଠଚକ୍ର ତୁମ୍ଭେମାନେ କର। କାହାକୁ ଡାକିବା ଆବଶ୍ୟକ ନାହିଁ। ବାଧା ଆସିବ କିନ୍ତୁ ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ଭରସା ରଖି କାର୍ଯ୍ୟ କଲେ ସବୁ ବାଧା ଦୂର ହେବ। ପରେ ମଧ୍ୟ ଘର କାର୍ଯ୍ୟରେ ସୁବିଧା ହେବ। ସୁଖଶାନ୍ତିରେ ରହିବା ମାର୍ଗ ସଂସାରର ଉତ୍ତମ ବ୍ୟବସ୍ଥା ବା ପରିସ୍ଥିତିରେ ନଥାଏ। ଏହା ନିରାଟ ସତ୍ୟ। ବ୍ୟକ୍ତି ସୁଖଶାନ୍ତିରେ ରହିବାର ସତ୍ୟ, ସିଧା ସଳଖ, ନିର୍ବିବାଦ ମାର୍ଗ ହେଲା 'ମା' ଏହି ନାମଜପ କରିବା ଏବଂ ତାଙ୍କରି ଉପରେ ଦୃଢ଼ ବିଶ୍ୱାସ ନିର୍ଭରତା ରଖି ଆଳସ୍ୟ ତ୍ୟାଗ କରି କର୍ମ କରିବା। ଏପରି କଲେ ବ୍ୟକ୍ତି ସୁଖଶାନ୍ତିରେ ରହିବ। ଆବଶ୍ୟକ ଅର୍ଥର ଅଭାବ ହେବ ନାହିଁ। ଶରୀର ସୁସ୍ଥ ସବଳ ରହିବ। ଶରୀର ସୁସ୍ଥ ରହେ ମା'ଙ୍କ ନାମଜପ ସହିତ ଉତ୍ସାହରେ କର୍ମ କଲେ। ଏହି ବିଷୟ ମୁଁ ବରାବର ଲେଖୁଛି। କିନ୍ତୁ ଏପର୍ଯ୍ୟନ୍ତ ଏହି ସିଦ୍ଧାନ୍ତକୁ ତୁମେ ଗ୍ରହଣ କରିପାରି ନାହଁ। ଗ୍ରହଣ କରିବାର ସହଜ ଉପରେ ହେଲା- ନିରନ୍ତର ସବୁ ସମୟରେ ସବୁକାମ କରିବା ସମୟରେ 'ମା' ଏହି ନାମଜପ କରିବା।

ତୁମର ଆର୍ଥିକ ଅଭାବ ସମସ୍ୟା ଆସିଛି କେବଳ ଆଳସ୍ୟ ଯୋଗୁଁ। ମା'ଙ୍କ କୃପା ତୁମ ପରିବାର ପ୍ରତି ରହିଛି କିନ୍ତୁ ଆଳସ୍ୟ ଯୋଗୁ କର୍ମ ନକରିବାରୁ ଅଭାବଗ୍ରସ୍ତ ହୋଇଛ। ମା'ଙ୍କ ଦୟାରୁ ବର୍ତ୍ତମାନ ସୁଯୋଗ ପାଇଛ, ଶ୍ରଦ୍ଧା ଉତ୍ସାହ ସହ କର୍ମ କର, ମା'ଙ୍କ ନାମଜପ କର, ସବୁ ଅଭାବ ଦୂର ହେବ। ନିଜେ ସୁଖଶାନ୍ତିରେ ରହିବ। ପିଲାମାନେ ମଧ୍ୟ ଶାନ୍ତିରେ, ସୁସ୍ଥରେ ରହିବେ। ମା'ଙ୍କ ଆଶ୍ରୟରେ ରହି ଏବଂ ଆଳସ୍ୟ ତ୍ୟାଗ କରି କର୍ମ କରିବା ଛଡ଼ା ଅନ୍ୟ କୌଣସି ଉପାୟରେ ବ୍ୟକ୍ତି ସୁଖଶାନ୍ତିରେ କଦାପି ରହିପାରେ ନାହିଁ। ଏହାଛଡ଼ା ଅନ୍ୟ କୌଣସି ଉପାୟ ନାହିଁ।

●

# ହଠାତ୍ ମନେପଡ଼େ

ସେତେବେଳେ ମୁଁ ଆଶ୍ରମକୁ ନୂଆ କରି ଆସିଥାଏ। ଆଶ୍ରମରେ ନୂତନ କରି ଫୁଟ୍‌ବଲ୍ ଟିମ୍ ହୋଇଥାଏ। ମଝିରେ ମଝିରେ ବାହାର ଟିମ୍ ସହିତ ଆଶ୍ରମ ଟିମ୍‌ର ମ୍ୟାଚ୍ ଖେଳ ହେଉଥିଲା। ଯେତେବେଳେ ଆଶ୍ରମର ଟିମ୍ ବାହାର ଟିମ୍ ସହିତ ମ୍ୟାଚ୍ ଖେଳୁଥିଲେ, ଆମେ ପ୍ରାୟ ହିଁ ଆମ ଆଶ୍ରମର ସାନ ସାନ ପିଲାଙ୍କୁ ନେଇ ସେହି ଖେଳ ଦେଖିବାକୁ ଯାଉଥିଲୁ। କିନ୍ତୁ ଯିବା ପୂର୍ବରୁ ମୁଁ ମା'ଙ୍କ ଅନୁମତି ଓ ଆଶୀର୍ବାଦ ନେଉଥାଏ ଏବଂ ତା'ପରେ ଯାଇ ଖେଳ ଦେଖିବାକୁ ଯାଉଥିଲୁ। ମା'ଙ୍କୁ ନ ଜଣାଇ ଆମେ କେଉଁଠାକୁ ଯାଉ ନ ଥିଲୁ କିମ୍ବା କିଛି କରୁ ନ ଥିଲୁ।

ଦିନେ ସେହିପରି ମ୍ୟାଚ୍ ଦେଖିବାକୁ ସେମାନଙ୍କୁ ନେଇଯିବାର କଥା। ସେଦିନ ଥିଲା ପ୍ରସ୍ପରିଟି ଦିନ। ପ୍ରସ୍ପରିଟି ଦିନ ମା'ଙ୍କର ଟିକିଏ ହେଲେ ସମୟ ରହୁ ନଥିଲା। ସେ ଖୁବ୍ ବ୍ୟସ୍ତ ରହୁଥିଲେ। ତାହାର କାରଣ ସକାଳେ ସବୁ କାମ ସାରି ପ୍ରସ୍ତୁତ ହୋଇ ଉପରଓଳି ଦର୍ଶନ ଦେବାକୁ ପଡୁଥିଲା। ସେଦିନ ସବୁକିଛି ଖୁବ୍ ଶୀଘ୍ର ଶୀଘ୍ର କରିବାକୁ ହେବ। କିନ୍ତୁ କ'ଣ କରିବି, ମା'ଙ୍କ ପାଖକୁ ଯାଇଛି। କହିଲି, "ମା', ତୁମକୁ ମୁଁ କିଛି କହିବାକୁ ଚାହେଁ।"

ମା'ଶୁଣିକରି ଚିଡ଼ିଗଲେ, "ଦେଖିପାରୁନା, ମୋର ଟିକିଏ ହେଲେ ସମୟ ନାହିଁ।"

ମା'ଙ୍କ ଧମକ ଖାଇ ମନେ ମନେ କ୍ଷୁଣ୍ଣ ହୋଇ ଫେରି ଆସିଲି।

କିନ୍ତୁ ଲକ୍ଷ୍ୟ କରିଛି; ଏହିପରି ଯେତେବେଳେ ହିଁ ଆମେ ମନରେ କୌଣସି କଷ୍ଟ ପାଉଥିଲୁ, ପରକ୍ଷଣରେ ହିଁ ମା କୌଣସି ନା କୌଣସି ଆଳରେ ସ୍ନେହ ଦେଇ ଆଦର ଦେଇ ଆମ ମନର ସବୁ କଷ୍ଟ ଭୁଲାଇ ଦେଉଥିଲେ।

ସେଦିନ ମଧ୍ୟ ସେଇଆ ହେଲା।

ଟିକିଏ ପରେ ମୁଁ ପ୍ରସ୍ପରିଟି ନେବାକୁ ଯାଇଥାଏ। ମା' ସେ ସମୟରେ ସାଧାରଣତଃ କୌଣସି କଥା କୁହନ୍ତି ନାହିଁ। ଲାଇନ୍ କରି ସମସ୍ତେ ଠିଆ ହୋଇଛୁ। ମୋ ପଛରେ ଅନେକ ଭିଡ଼। ତାହାରି ଭିତରେ ମା ମୋ ହାତଧରି ଆଦର କରି ପଚାରିଲେ, "ଓ, ତୁମେ ଆଜି ପିଲାମାନଙ୍କୁ ସାଙ୍ଗରେ ଘେନି ମ୍ୟାଚ୍ ଦେଖିବାକୁ ଯିବ ପରା ?" ତା'ପରେ ସେ କି ସ୍ନେହଝରା ହସ ! ମୋ ମନର ସବୁ କଷ୍ଟ ଉଭେଇ ଗଲା।

ଏକ ସମୟରେ ମା' ସକାଳ ଦଶଟା ପାଖାପାଖି ଦ୍ୟୁମନ ଘର ଛାତ ଉପରେ କିଛି ସମୟ ପାଇଁ ଚଲାବୁଲା କରୁଥିଲେ। ଚିନ୍ମୟୀ ସାଙ୍ଗରେ ରହୁଥିଲେ।

ସେହି ସମୟରେ ପ୍ରତିଦିନ ଗୋଟାଏ କଳା ଡାମରା କାଉ ମା'ଙ୍କ ପାଖକୁ ଆସୁଥିଲା। ମା' ତା'ର ନା ଦେଇଥିଲେ "ବ୍ଲାକି"।

ବିଚରା "ମା-ମା" - ବୋଲି ତ ଡାକି ପାରେ ନା। କିନ୍ତୁ ଠିକ୍ ସମୟରେ ଆସି ଡାକୁଥିଲା, "କା-କା-କା..."

ସାଙ୍ଗେ ସାଙ୍ଗେ ମା' ଘରୁ ଜବାବ ଦେଉଥିଲେ, "Yes, yes, I am coming.(ହଁ, ହଁ ମୁଁ ଯାଉଛି।)

ମା ଆସି ତାକୁ ଗୋଟିଏ ଲେଖାଏଁ ରୋଟି ଦେଉଥିଲେ।

କୁଆଟି ସେଇ ପ୍ରସାଦ ନେଇ ନିତି ଉଡି ଯାଉଥିଲା।

***ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ***

●

# ସତ୍ୟଚେତନା ପାଇଁ ଅଭୀପ୍ସା

କିଛିଦିନ ତଳେ ଏଠାରେ (ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ) ନବଜ୍ୟୋତି ଯୁବ-ଶିବିର-ଆଲୋଚନାଚକ୍ର ପ୍ରାୟ ଦୁଇ ସପ୍ତାହ ଧରି ଚାଲିଥିଲା। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆଗ୍ରହୀ ଯୁବକମାନେ ଏଥିରେ ଯୋଗ ଦେଇଥିଲେ। ଆଶ୍ରମର ବିଶିଷ୍ଟ ସାଧକମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରତ୍ୟେକ ଦିନ ସକାଳୁ କିଛି ସମୟ ନୀରବ ଧ୍ୟାନ, ସାବିତ୍ରୀ ପାଠ, ତାପରେ ପୂର୍ବାହ୍ନ ଓ ଅପରାହ୍ନରେ ଆଲୋଚନାର ଦୁଇଟି ଅଧିବେଶନ ହେଉଥିଲା। ଆଗ୍ରହୀ ଯୁବକମାନେ ଆଶ୍ରମର ଶାରୀରିକ ଶିକ୍ଷା ବିଭାଗର ପରିଚାଳକଙ୍କ ତତ୍ତ୍ୱାବଧାନରେ ବ୍ୟାୟାମ ଆଦି ଶିଖିବାର ସୁଯୋଗ ପାଇଥିଲେ। ଏହାଛଡ଼ା ଆଶ୍ରମର ବିଭିନ୍ନ ବିଭାଗ, ଅରୋଭିଲ ଆଦି ବୁଲି ଦେଖିବା ଓ କେତେକ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଥିଲା।

ଏହି ସମସ୍ତ କାର୍ଯ୍ୟକ୍ରମଗୁଡ଼ିକ ଏକ ଶାନ୍ତ, ଶୁଦ୍ଧ, ନିରାଡ଼ମ୍ବର ପରିବେଶ ଭିତରେ ଓ ଆଧ୍ୟାତ୍ମିକ ଜୀବନ ପାଇଁ ଏକ ଗଭୀର ଉତ୍ସାହ ଓ ଅଭୀପ୍ସାର ପରିବେଶ ଭିତରେ ଅନୁଷ୍ଠିତ ହୋଇଥିଲା। ଏଇ ଧରଣର ଯୁବଶିବିର, ଆଶ୍ରମରେ ପ୍ରଥମଥର ପାଇଁ ଅନୁଷ୍ଠିତ ହେଉଛି ଓ ଏଣିକି ନିୟମିତଭାବରେ ଆହୁରି ବ୍ୟାପକଭାବେ ନିଖିଳ ଭାରତୀୟ ସ୍ତରରେ ଏହିପରି ଯୁବଶିବିରସବୁ ଅନୁଷ୍ଠିତ ହେବାର ଯୋଜନା ନିଆଯାଉଛି। ଆଶାକରାଯାଏ ବ୍ୟାପକଭାବରେ ଭାରତର ବିଭିନ୍ନ ପ୍ରାନ୍ତରୁ ଯୁବକମାନେ ଏଥିରେ ଯୋଗଦେବେ ଓ ମା'ଙ୍କ କୃପା ଓ ଶକ୍ତି ଲାଭ କରି ନିଜର, ଦେଶର ତଥା ମାନବ ସମାଜର ସର୍ବାଙ୍ଗୀନ ବିକାଶ ଓ କଲ୍ୟାଣ ସାଧନ ନିମନ୍ତେ ଆତ୍ମୋତ୍ସର୍ଗ ପାଇଁ ନୂତନ ସଙ୍କଳ୍ପ ଗ୍ରହଣ କରିବେ।

ବାସ୍ତବିକ ଯୁବକର ହୃଦୟରେହିଁ ଆତ୍ମୋତ୍ସର୍ଗର ପ୍ରେରଣା ସହଜରେ ରୂପନିଏ। କୌଣସି ବିଷୟ ପ୍ରତି ତା'ର ଅନୁରାଗ ଆସିଲା ତ ସେ ସେଥିପାଇଁ ଅକାତରରେ ନିଜକୁ ଉତ୍ସର୍ଗ କରିଦିଏ, ବ୍ୟକ୍ତିଗତ ଲାଭ କ୍ଷତିର କୌଣସି ହିସାବ ରଖେ ନାହିଁ। ସବୁକିଛି ତ୍ୟାଗ କରିବାକୁ ସବୁ, ବିପଦ ବରଣ କରିବାକୁ ସେ ପ୍ରସ୍ତୁତ ହୁଏ। ତାରୁଣ୍ୟର ପ୍ରଭା ଝଟକୁ ଥାଏ ଆତ୍ମଦାନର ଉଜ୍ଜ୍ୱଳ ଜ୍ୟୋତିରେ। କୌଣସି ବିଷୟକୁ ତା'ର ହୃଦୟ ସତ୍ୟ ବୋଲି ଗ୍ରହଣ କରିଲାତ, ସେହି ସତ୍ୟର ପ୍ରତିଷ୍ଠା ପାଇଁ ସେ ପ୍ରାଣପାତ କରି ଲାଗିପଡ଼େ। ଯେତେବେଳେ କୌଣସି ନୂତନ ସତ୍ୟ, କୌଣସି ବୈପ୍ଳବିକ ଚିନ୍ତାଧାରା, ପ୍ରତିକ୍ରିୟା ଓ ରକ୍ଷଣଶୀଳତା ବିରୋଧରେ ଛିଡ଼ାହୋଇ ନିଜକୁ ପ୍ରତିଷ୍ଠା କରିବାକୁ ଚାହେଁ, ସେତେବେଳେ ତାହାର ତରୁଣ ହୃଦୟରେ ହିଁ ପାଏ ନିଜର ପ୍ରଧାନ ସମର୍ଥନ। କର୍ମ ଓ ବିଚାରରେ ସମସ୍ତ ପ୍ରକାର ସ୍ଥାଣୁତା, ଯାନ୍ତ୍ରିକ ଶୃଙ୍ଖଳା, ଧରାବନ୍ଧା ନୀତିନିୟମ ଓ କଠୋର ଆଇନ କାନୁନର ବାଧା ନିଷେଧ ଯୁବହୃଦୟ ପକ୍ଷରେ ସମ୍ପୂର୍ଣ୍ଣ ଅସହ୍ୟ। ସେ ସବୁବେଳେ ଏ ସବୁକୁ ଭାଙ୍ଗି ନୂତନ ସୃଷ୍ଟି, ନୂତନ ଗତିବେଗର ସ୍ୱପ୍ନ ଦେଖେ ଓ ଅଫୁରନ୍ତ ପ୍ରାଣ ପ୍ରାଚୁର୍ଯ୍ୟ ଓ ଉତ୍ସାହ ଉନ୍ମାଦନା ନେଇ ସେହି ସ୍ୱପ୍ନକୁ ରୂପଦେବାରେ ଲାଗିପଡ଼େ। *କ୍ରମଶଃ......*

***ବିଶ୍ୱମ୍ଭର ସାମନ୍ତ***

●

# ସ୍ମୃତି ସମାଚାର
## ମାତୃକୃପା ଅହେତୁକୀ

ବାଙ୍କି ବ୍ଲକରେ ମା'ଙ୍କୁ ଜାଣିବା ପରେ ଏବଂ ଗ୍ରହଣ କରିବା ପରେ ମା'ଙ୍କ କାମ ହେଲା ମୁଖ୍ୟ। ଆଉ ଯଶ, ଖ୍ୟାତି, ପଦଲାଳସା ଭଲ ଲାଗିଲା ନାହିଁ। ସିଧା ସଳଖ ମା'ଙ୍କ କାମ କରିବାରେ ପରିଣତ ହେବ, ସବୁ କାମ ଭିତରେ କିପରି ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ପ୍ରକାଶ କରିହେବ ବାଲିକୁଦା ବ୍ଲକରୁ ହିଁ ସଚେତନ ଭାବରେ ତାର ପ୍ରୟୋଗ ସମ୍ଭବ ହେଲା। 'ସମଗ୍ର ଜୀବନହିଁ ଯୋଗ' ଏହାର ବାସ୍ତବ ଉପଲବ୍ଧି ହେଲା ଏଇ ବାଲିକୁଦା ବ୍ଲକରୁ" ବୋଲି ମା ସେବକ କହେ।

ସେତେବେଳେ ଓଡ଼ିଶାରେ ୧୫୦ଟି ମାତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଥିଲା। ଜଟଣୀରେ ୧୯୬୩ରୁ ରାଜ୍ୟ ସ୍ତରୀୟ ସମ୍ମିଳନୀ ପ୍ରତିବର୍ଷ ଜାନୁୟାରୀ ମାସରେ ନିମାଇଁ ଚରଣ ମହାପାତ୍ରଙ୍କ ନେତୃତ୍ୱରେ କରାଯାଉଥିଲା। କଟକ କିଶୋର ଟ୍ରାନ୍ସପୋର୍ଟର ନରିବାବୁଙ୍କ ପାଠଚକ୍ର ଏବଂ ଭାଷାକୋଷ ଲେନ୍‌ର ଲଳିତ ବାବୁଙ୍କ ପାଠଚକ୍ର, ଜଗତସିଂହପୁର ରଘୁବାବୁ ଜଗାବାବୁଙ୍କ ପାଠଚକ୍ର ଏମାନେ ସବୁ ବାବାଜି ମହାରାଜଙ୍କ ହାତଗଢ଼ା ପାଠଚକ୍ରମାନଙ୍କ ଭିତରୁ ବୋଧହୁଏ ଗୋଟିଏ ଗୋଟିଏ। ମା'ସେବକ ବାବାଜିଙ୍କ ଜନ୍ମ ଅଞ୍ଚଳରେ ଗୋଟିଏ ରାଜ୍ୟ ସ୍ତରୀୟ ପାଠଚକ୍ର ସମ୍ମିଳନୀ କରିବା ଲାଗି ନରୋତ୍ତମ ଭାଇଙ୍କ ପରାମର୍ଶ ଲୋଡ଼ିଲା। ନରୋତ୍ତମ ଭାଇ ଆଗ୍ରହରେ ସମ୍ମତି ପ୍ରଦାନ କଲେ। ହେଲେ ସବୁ ସିନା କରାହୋଇଯିବ, ମୁଖ୍ୟ ହେଲା, ଅର୍ଥ। ଦୁଇଦିନିଆ ଗୋଟିଏ ରାଜ୍ୟ ସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଏଇଟା କମ କଥା ନୁହେଁ। ଦୁଇଭାଇ ଯାକ କେନ୍ଦ୍ରୀୟ ସଙ୍କଳ୍ପରେ ଦୃଢ଼ ରହି ଆଗେଇ ଚାଲିଲେ। ନରୋତ୍ତମ ଭାଇ ତ ବାଲିକୁଦା ହାଇସ୍କୁଲରେ ଶିକ୍ଷକ ଥିଲେ ଏଣୁ ସେହି ସ୍କୁଲରେ ସମ୍ମିଳନୀ ହେବ ବୋଲି ସ୍ଥିର ହୋଇଗଲା। ମା'ଙ୍କ ପାଖକୁ ପ୍ରାର୍ଥନା ବାବାଜି ମହାରାଜଙ୍କ ଜରୀଆରେ ପ୍ରଣାମୀ ସହ ପଠା ହୋଇଗଲା। ମା'ଙ୍କର ଆଶୀର୍ବାଦ ମଧ୍ୟ ଆସିଗଲା। ପଇସା କିଛି ଯାହା ଆଦାୟ ହୋଇଥିଲା ସେ ପଇସାରେ ପ୍ରଣାମୀ ଏବଂ ନିମନ୍ତ୍ରଣ ପତ୍ର ଛପା ଯାଇ ସବୁଆଡକୁ ପଠାଇ ଦିଆଗଲା। ସ୍କୁଲ ଛୁଆମାନଙ୍କୁ ଧରି ନରୋତ୍ତମ ଭାଇ ଲାଗିଯାଇଥାନ୍ତି କାମରେ। ଆଗରୁ ଶୁଖିଲା କାଠ ସଂଗ୍ରହ କରିଦେଇଥାନ୍ତି। ସ୍କୁଲ ଛୁଆଙ୍କ ଦ୍ୱାରା କନା ସାଇନ୍ ବୋର୍ଡ଼, ମଞ୍ଚସଜ୍ଜା, ଛାମୁଣ୍ଡିଆ, କେଉଁ ଜିଲ୍ଲା ପାଠଚକ୍ର ବାଲା କେଉଁ ଘରେ ରହିବେ, ଗେଷ୍ଟମାନେ କିଏ କେଉଁଠି ରହିବେ ସବୁ ଠିକ ଠିକଣା ହୋଇଗଲା। ମେନଗେଟ୍‌ରେ "ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ" ବୋଲି ଲେଖା ମଧ୍ୟ ହୋଇଗଲା। ହେଲେ ଟଙ୍କା କାହିଁ ? ପିଲାମାନେ ଯାହା କିଛି ଚାନ୍ଦା

ଭେଦା ଦେଇଥିଲେ ତାହା ପ୍ରଣାମୀ, ନିମନ୍ତ୍ରଣ ପତ୍ର ବାଣ୍ଟିବାରେ ଶେଷ। ଦୁଇଭାଇ ବିଚାର କଲେ- "ଯଦି କେହି ଆର୍ଥିକ ସାହାଯ୍ୟ ନଦେବେ ତେବେ ବାଲିକୁଦା ବଜାରରୁ ଧାର ଉଧାର କରି ଚଳାଇ ନେବା ଏବଂ ଦୁଇ ଭାଇ ତାଙ୍କ ମାସକୁ ମାସ ବେତନରୁ ଟଙ୍କା ଶୁଝା ପଡ଼ିବା ଯାଏ ସୁଧମୂଳ ସହ ଶୁଝିବେ। କିନ୍ତୁ ସମ୍ମିଳନୀ ହେବା ନିଶ୍ଚିତ।" ଆଶୀର୍ବାଦ ଆସି ଯିବା ପରଠାରୁ ଏ ଦୁଇଭାଇ ପିଲାମାନଙ୍କୁ ଏବଂ ପାଠଚକ୍ରର ଉପସ୍ଥିତି କର୍ମୀମାନଙ୍କୁ ଧରି ସେହି ସମ୍ମିଳନୀ ହେବା ସ୍ଥାନରେ ପ୍ରତିଦିନ ଚାରିଟା ବେଳେ ଟିକିଏ ଧ୍ୟାନ କରନ୍ତି। ଆଉ ସମ୍ମିଳନୀ ହେବାକୁ ମାତ୍ର ୩ଦିନ ବାକି ଥାଏ। ସବୁଦିନ ପରି ସେମାନେ ଆସି ସେଠାରେ ପହଞ୍ଚିଗଲେ। ଦିନେ ସ୍ଥାନୀୟ ଏମ.ଏଲ.ଏ. ଏଠାରେ କ'ଣ ହେବ ବୋଲି ପଚାରିବାରୁ ନରୋତ୍ତମ ଭାଇ ତାଙ୍କୁ ସବୁକଥା କହିଲେ ଏବଂ ଆଉ ୩ଦିନ ରହିଲା ମାତ୍ର ପଇସା ପତ୍ର କିଛି ଆଦାୟ ହୋଇ ନାହିଁ" ବୋଲି ଯେତେବେଳେ କହି ଦେଲେ ଏମ.ଏଲ.ଏ ତ ରାଗିକରି ଅଗ୍ନିଶର୍ମା ହୋଇ ମା'ସେବକକୁ ଆକ୍ଷେପ କରି ନରୋତ୍ତମ ଭାଇଙ୍କୁ କହିଲେ, "ତୁମେ ଏ ଅଞ୍ଚଳର ଦୁର୍ନାମ କରିବାକୁ ଚାହୁଁଛ, ଏଇଟା କଥାରେ ପଡ଼ି। ଏଇଟା ଉଡ଼ିଗଲା ଚଢ଼େଇ ଆଜି ଅଛି କାଲି ନଥିବ। ତୁମେ ତା କଥାରେ ଭଳି ବୟସ୍କ ଲୋକ ହୋଇ ନାଚୁଛ ?"... ଏଇଭଳି କେତେ କଥା ରାଗରେ କହିପକାଇ ଯେତେବେଳେ ରାଗରେ ତମ ତମ ହୋଇ ଚାଲିଯିବାକୁ ବାହାରିଛନ୍ତି ମା'ସେବକ କହିଲା, "ସାର୍! ଆପଣ ଏଠାକୁ କାହିଁକି ଆସିଛନ୍ତି ଜାଣିଛନ୍ତି ? ମା' ଆପଣଙ୍କୁ ଏହି ସମ୍ମିଳନୀର କାର୍ଯ୍ୟରେ ଦାୟିତ୍ୱ ସମ୍ଭାଳିବା ପାଇଁ ପଠାଇଛନ୍ତି। ମା'ର ବିନା ଇଚ୍ଛାରେ ଗଛରୁ ଯଦି ପତ୍ର ଝଡେ ନାହିଁ, ଆପଣ ଏଠାକୁ ଆସିବା ପଶ୍ଚାତରେ ମା'ଙ୍କର ଦିବ୍ୟ ଇଚ୍ଛା ରହିଛି। ଆପଣ ଦୟାକରି ଏ ସମ୍ମିଳନୀର ପ୍ରଥମ ଦିନଟିର ଦାୟିତ୍ୱ ବହନ କରିବେ।" ପ୍ରକୃତରେ ଯଥାର୍ଥ କଥାଟା ତାହାହିଁ ଥିଲା। ଏମ୍.ଏଲ୍.ଏ. ମହୋଦୟ ପ୍ରଥମ ଦିନର ଖର୍ଚ୍ଚଟି ବହନ କଲେ।

ମା'ଙ୍କ ଅହେତୁକୀ କୃପାରେ ପ୍ରଥମ ଦିନ ସମ୍ମିଳନୀ ବହୁତ ଭଲରେ ହେଲା। ଓଡ଼ିଶାର ବହୁ ପାଠଚକ୍ରର ପ୍ରତିନିଧି ଆସିଲେ। ଆଶ୍ରମର ଆମ ପୂଜ୍ୟ ପ୍ରପତ୍ତି ଆସିଥିଲେ ଏବଂ ମା' ସେବକଙ୍କର ପ୍ରଥମ କରି ସେଇଠାରେ ତାଙ୍କ ସହିତ ଦେଖାହେଲା। ସେଦିନ ସମ୍ମିଳନୀ ଶେଷରେ କମିଟି କ୍ୟାସିଅର ମାତ୍ର କେତେ ପଇସା କ୍ୟାସବାଲାକ୍ସ ଅଛି ବୋଲି ପଇସା ସହ ମୁଣାଟିକୁ ମା' ସେବକକୁ ବଢ଼େଇ ଦେଲା। ଆଉ ତ କିଛି ପଇସା ନାହିଁ। ଆସନ୍ତା କାଲି ସମ୍ମିଳନୀ ହେବ କିପରି ? ପରିଚାଳନା ମଣ୍ଡଳି ମା'ସେବକକୁ ଅନୁରୋଧ କଲେ, "ଆସନ୍ତା କାଲି କିଛି ଅସୁବିଧାରୁ ସମ୍ମିଳନୀ ହୋଇପାରିବ ନାହିଁ" ବୋଲି ମାଇକ୍‌ରେ ଜଣାଇ ଦେବାକୁ। ମାତ୍ର ଏପରି କଥା ମା'ସେବକ

କିପରି କହିବ ? ତା'ର କହିବାକୁ ପାଟି ଫିଟୁ ନାହିଁ। ମା' ଦୁଇଦିନ ସମ୍ମିଳନୀ ହେବାପାଇଁ ଆଶୀର୍ବାଦ ଦେଇଛନ୍ତି। ଏପରି କଦାପି ହୋଇ ନପାରେ। "କାଲିକି ସମ୍ମିଳନୀ ହେବ, ହେବ, ହେବ।" ଏହି କଥା କହି ମା' ସେବକ ପିଲାଙ୍କ ପରି କଇଁ କଇଁ ହୋଇ କାନ୍ଦି ଉଠିଲା ବେଳକୁ ହଠାତ୍ ବାଲିକୁଦା ଜମିଦାର ରାଜକିଶୋର ଦାସ ଆସି ମା' ସେବକର ଆଖିରୁ ଲୁହକୁ ନିଜ ଗାମୁଛାରେ ପୋଛି ଦେଇ କହିଲେ, "କିଏ କହିଲା, କାଲି ସମ୍ମିଳନୀ ବନ୍ଦ ହେବ ବୋଲି ? ତୁ ଯା-ଶୋଇବୁ ଯା। କାଲି ସମ୍ମିଳନୀର ସମସ୍ତ କଥା ମୁଁ ବୁଝିବି।" ରାତି ରାତି ସବୁ ଖାଇବା ସରଞ୍ଜାମ ଆଦି ଯୋଗାଡ଼ କରି ରାଜୁବାବୁ ସବୁ ରେଡ଼ି କରିଦେଲେ। ରାଜୁବାବୁ ମା' ସେବକକୁ ଧର୍ମପୁଅ କରିଥିଲେ। ତାଙ୍କର ତିନି ମହଲା କୋଠରୀରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ବିରାଟ ବିରାଟ ଫଟୋ ବାବାଜି ମହାରାଜ ସ୍ଥାପନା କରିଥିଲେ। ଦ୍ୱିତୀୟ ଦିନ ସମ୍ମିଳନୀ ବହୁତ ଭଲରେ ହେଲା। ଯେଉଁ କ୍ୟାସିୟର ପୂର୍ବଦିନ ମାତ୍ର କେତେ ପଇସା ଥିବା ମୁଣା ଦେଇଥିଲା ତା ବାସିଦିନ ସବୁ ଖର୍ଚ୍ଚ ଯାଇ ଆହୁରି ହଜାରେ ଟଙ୍କା ବଳକା ରହିଲା ଯେଉଁ ପଇସାକୁ ବାବାଜି ମହାରାଜଙ୍କ ଜରୀଆରେ ମା'ଙ୍କୁ ପ୍ରଣାମୀ କରି ଦିଆଯାଇଥିଲା। ବାବାଜି କହନ୍ତି, ଭଗବାନଙ୍କ କାମରେ ପଇସାର ଅଭାବ କେବେ ରହେ ନାହିଁ।

ବାଲିକୁଦା ସମ୍ମିଳନୀ ଏକମାତ୍ର ମା'ଙ୍କ ଅହେତୁକୀ କୃପାରେ ହିଁ ସମ୍ଭବ ହେଲା ବୋଲି ସମସ୍ତେ କହନ୍ତି।

***ମଧୁସୂଦନ ମିଶ୍ର***

●

## ମାତୃଭବନ ପତ୍ର ସମ୍ପର୍କରେ

**ଗ୍ରାହକ ଚାନ୍ଦା ବର୍ଷକୁ ୫୦ଟଙ୍କା ଓ ଆଜୀବନ (୨୦ବର୍ଷ) ୧୦୦୦ଟଙ୍କା**

ଯେଉଁ ବନ୍ଧୁମାନଙ୍କର ଆସନ୍ତା ଫେବୃୟାରୀ ମାସ ୨୦୧୮ ସୁଦ୍ଧା ମାତୃଭବନ ପତ୍ରର ଗ୍ରାହକ ଚାନ୍ଦା ଶେଷ ହୋଇଯାଉଛି, ସେମାନେ ଦୟାକରି ବାର୍ଷିକ ଚାନ୍ଦା **ପଚାଶ ଟଙ୍କା ମାତ୍ର ଜାନୁୟାରୀ ମାସ ୨୦୧୮ ସୁଦ୍ଧା** ପଠାଇବାକୁ ଅନୁରୋଧ। ଗ୍ରାହକ ଚାନ୍ଦା ଶେଷ ହେବା ମାସ ଜାଣିବା ପାଇଁ ଆପଣଙ୍କ ପତ୍ରିକା ଖୋଳ ଉପରେ ଥିବା ଠିକଣା ସ୍ଲିପ୍‌ର ପ୍ରଥମ ଧାଡ଼ି ଦେଖନ୍ତୁ। ଧାଡ଼ିର ଶେଷରେ ଚାନ୍ଦା ଶେଷ ହେଉଥିବା ମାସ ଓ ବର୍ଷ ଉଲ୍ଲେଖ ଅଛି। ମାତୃଭବନ ପତ୍ର ସମ୍ପର୍କରେ କୌଣସି ଅଭିଯୋଗ ଥିଲେ **ମୋ: ୯୩୩୮୦୯୧୬୮୬ରେ ପଦ୍ମଚରଣ ମହାନ୍ତିଙ୍କୁ** ଜଣାଇବାକୁ ଅନୁରୋଧ। **ଅଭିଯୋଗ ଜଣାଇବା ସମୟରେ ନିଜର ଟେଲିଫୋନ /ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

**ପରିଚାଳକ**

# ଏବେବି ମନେପଡ଼େ......
# ମୃଣାଳ ଭାଇ-ପୁଣି ଆସନ୍ତୁ



୧୯୬୫-୬୬ ମସିହା। କାଫଲା ଫାଣ୍ଡି ନିକଟରେ ଗୋଟିଏ ପଡ଼ିଆରେ ଆମେ ନିଉ ଲାଇଟ ସୋସାଇଟି ତରଫରୁ ଏକ ଶାରୀରିକ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କଲୁ। ଦୁଇପଟେ ଦୁଇଟି ପୋଖରୀ, ମଝିରେ ଆୟତାକାର ଏକ କ୍ଷେତ୍ର। ସମତଳ ଘାସ ପଡ଼ିଆଟିଏ। ପୋଖରୀ କୂଳରେ ଗୋଟିଏ ଆମ୍ବଗଛ। ସେଥିରେ ଗୋଟିଏ ମା'ଙ୍କ ଫଟୋ ଟାଙ୍ଗି ତା' ସମ୍ମୁଖରେ କିଛି ସମୟ ଏକାଗ୍ର ହେଉ। ତା'ପରେ ଟିକେ ମାର୍ଚ୍ଚିଂ, ଡ୍ରିଲ ତା'ପରେ ବିଭିନ୍ନ ପ୍ରକାରର ଦେଶୀ ଖେଳ। ଅର୍ଥାତ୍ କବାଡ଼ି, ଡୁଡୁ, ବୋହୁଚୋରୀ, ରୁମାଲ ଚୋରୀ ଇତ୍ୟାଦି। ଆମ ପାଖରେ ବିଦେଶୀ ଖେଳ ପାଇଁ ଅର୍ଥାତ୍ କ୍ରିକେଟ, ଭଲି ପ୍ରଭୃତି ପାଇଁ ନାଁ ଥାଏ ସରଞ୍ଜାମ, ନାଁ ଥାଏ ଜ୍ଞାନ। ମାତ୍ର ଆନନ୍ଦ ଥାଏ ଭରପୁର। ସେତେବେଳକୁ ମାମୁଁ ଚୌଦ୍ୱାର ପେପର ମିଲ୍‌ରେ ଯୋଗଦେଇଥାନ୍ତି। କଟକରୁ ଦୈନିକ ଯୋବ୍ରା ଯାଇ ସେଠାରେ ପେପର ମିଲର ଲଞ୍ଚ୍‌ରେ ମହାନଦୀ ପାରିହୋଇ ମିଲ୍‌କୁ ଯାଆନ୍ତି। ସେତେବେଳେ ମାମୁଁ ଯେଉଁ କେତେଜଣଙ୍କ ସହିତ ଅଧିକ ଘନିଷ୍ଠ ହୋଇଥିଲେ, ସେମାନଙ୍କ ମଧ୍ୟରୁ କଟକ କାଫଲା ଫାଣ୍ଡି ନିକଟସ୍ଥ ମହାନ୍ତିପଡ଼ାରେ ରହୁଥିବା ଶ୍ରୀ ମୃଣାଳକାନ୍ତି ପଟ୍ଟନାୟକ ଅନ୍ୟତମ। ଆମ ଖେଳପଡ଼ିଆ ଥିଲା ତାଙ୍କ ବାସଗୃହର ଠିକ୍ ସମ୍ମୁଖସ୍ଥ ରାସ୍ତାର ଅପର ପାର୍ଶ୍ୱରେ। ମାମୁଁ ଆମ ଖେଳ ପଡ଼ିଆକୁ ମଝିରେ ମଝିରେ ଆସୁଥିଲେ ଏବଂ ତାଙ୍କ ସହିତ ମୃଣାଳ ଭାଇ ମଧ୍ୟ ଆସିବାକୁ ଆରମ୍ଭ କଲେ। ଚୌଦ୍ୱାର ପେପର ମିଲ୍‌ରେ ଯାବତୀୟ ନାଟକ, ସଙ୍ଗୀତ କାର୍ଯ୍ୟକ୍ରମରେ ସେ ହିଁ ନିର୍ଦ୍ଦେଶନା ଦେଉଥିଲେ। କାଫଲା ବଜାର ପାଖରେ ଥିବା ରେବା ବଗିଚାସ୍ଥ କୃଷ୍ଣ ମଉସାଙ୍କ ପୁଅ ସୁଧାଂଶୁ ଆମର ସଭ୍ୟ ଥିଲେ। ଏବେ ମଧ୍ୟ ତାଙ୍କ ଘରେ ପାଠଚକ୍ର ହେଉଛି। କୃଷ୍ଣ ମଉସାଙ୍କ ସମଗ୍ର ପରିବାର ଆମର ନିଜର ପରିବାର ଭଳି ଥିଲେ। ମଉସା ମାଉସୀଙ୍କ ନିକଟରେ ଆମେ ଢ଼େର ଉତ୍‌ପାତ ହେଉଥିଲୁ। ତାଙ୍କର ସବୁ ପୁଅ ଝିଅ ଖେଳ ପଡ଼ିଆକୁ ଯାଉଥିଲେ। ତାଙ୍କ ଘର ପାଖରେ ନରେନ୍ଦ୍ର ମଉସାଙ୍କ ଘର ଥିଲା। ତାଙ୍କର ପିଲାମାନେ ମଧ୍ୟ ଆମ ସାଙ୍ଗେ ମିଶିଥିଲେ। ଏମାନଙ୍କ ବ୍ୟତୀତ ଆହୁରି ଅନେକ ପିଲା ସେଠାରେ ଯୋଗ ଦେଉଥିଲେ। ସେମାନଙ୍କ ମଧ୍ୟରେ ଶ୍ରୀ ସାରଦା ପ୍ରସନ୍ନ ନାୟକଙ୍କ ପୁଅଝିଅମାନେ ମଧ୍ୟ ଯୋଗଦେଉଥିଲେ। ସ୍ୱାଭାବିକ ଭାବରେ ଏକ ନୃତ୍ୟଗୀତର ପରିବେଶ ଥିଲା। ଆମ ଘରେ

ମଧ୍ୟ ଆମ୍ଭେମାନେ ସେପରି ପରିବେଶରେ ବଢ଼ିଥିଲୁ। ଆମ୍ଭମାନଙ୍କୁ ଏକାଠି କରି ନାଟକ ଶିଖାଇବା, ଗୀତ ଶିଖାଇବା କାର୍ଯ୍ୟ ମୃଣାଳ ଭାଇ ଆରମ୍ଭ କଲେ।

ଏହା ମଧ୍ୟରେ କିଛି ଦିନ ଅତିବାହିତ ହୋଇଗଲା। ଆମେ ସବୁ ପାଠ ସାରି ଚାକିରୀ ଇତ୍ୟାଦି କଲୁ। କାଳକ୍ରମେ ଆମର କାର୍ଯ୍ୟସବୁ ମାତୃଭବନକୁ ଚାଲିଗଲା। ସେଠାରେ ଆମେ ମିଶିଲୁ ଏବଂ ପୁଣି ଶରୀରଚର୍ଚ୍ଚା କାର୍ଯ୍ୟ ଆରମ୍ଭ କଲୁ। ଏହା ମଧ୍ୟରେ ମୃଣାଳ ଭାଇଙ୍କ ସହ ଆଉ ବେଶୀ ମିଶିବା ସମ୍ଭବ ହୋଇନାହିଁ।

୧୯୭୫ ମସିହାରେ ଆରମ୍ଭ ହେଲା ମାତୃଭବନର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର। ମୃଣାଳଭାଇଙ୍କ ପୁଅ ବାପି (ସିଦ୍ଧାର୍ଥ) କେ.ଜି.ରେ ନାମ ଲେଖାଇଲା। ଅଳ୍ପ ପିଲା, ଅଳ୍ପ ଅଭିଭାବକ। ମାତ୍ର ମଞ୍ଚ ଉପରେ ଅଭିନୀତ ହେବ ନୃତ୍ୟନାଟିକା ମିତ୍ରଲାଭ। ନିର୍ଦ୍ଦେଶକ ପୁଣି ମୃଣାଳ ଭାଇ। ମନେପଡୁନି ସେତେବେଳେ ସେ ମହାନ୍ତିପଡାରୁ ଆସୁଥିଲେ କି ମହାନଦୀ ବିହାରରୁ। କିନ୍ତୁ ନିର୍ଦ୍ଧାରିତ ସମୟରେ ଆସି ପହଞ୍ଚି ପ୍ରତ୍ୟେକଟିର ଦାୟିତ୍ୱ ନେଉଥିଲେ। ନୃତ୍ୟ ନାଟିକା ହେଉ ବା ସମବେତ ସଙ୍ଗୀତ ହେଉ ସବୁର ଦାୟିତ୍ୱ ସେହିଁ ନେଉଥିଲେ। ଗୀତ ମଝିରେ ଥିବା ମ୍ୟୁଜିକ୍ ମଧ୍ୟ ପାଟିରେ ବଜାଇ ଶୁଣାଇ ଦେଉଥିଲେ ଏବଂ ଯେଉଁମାନେ ବାଦ୍ୟଯନ୍ତ୍ର ଶିଳ୍ପୀ ସେମାନେ ତାକୁ ନିଜ ଯନ୍ତ୍ରରେ ବଜାଉଥିଲେ।

ଏହାପରେ ମୃଣାଳଭାଇଙ୍କୁ ଆଉ ଏକ ନୂତନ କାର୍ଯ୍ୟରେ ଦେଖିବାକୁ ମିଳିଲା। ତାହାହେଲା ପାଠଚକ୍ର ସଙ୍ଗଠନ। ମୃଣାଳ ଭାଇ ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନରେ ଅନେକ ସକ୍ରୀୟ ଭାବରେ ଅଂଶଗ୍ରହଣ କଲେ। ବିଶେଷ କରି କଟକ ସହରର ପାଠଚକ୍ର କାର୍ଯ୍ୟରେ ତାକୁ ପ୍ରାୟ ସବୁ ସ୍ଥାନରେ ଦେଖିବାକୁ ମିଳିଲା। ସେ ନିଜେ ପ୍ରାୟ ସବୁ ପାଠଚକ୍ରରେ ଉପସ୍ଥିତ ରହୁଥିଲେ। ତାଙ୍କ ନିଜ ଘରେ ନିଷ୍ଠାପର ଭାବରେ ପାଠଚକ୍ର କରୁଥିଲେ, ବାର୍ଷିକୋତ୍ସବ କରୁଥିଲେ ଏବଂ ବୁଲି ବୁଲି ସମସ୍ତ ପାଠଚକ୍ର ବାର୍ଷିକୋତ୍ସବରେ ଯୋଗ ଦେଉଥିଲେ। ମାତୃଭବନର ପ୍ରତ୍ୟେକ କାର୍ଯ୍ୟକ୍ରମରେ ଯୋଗ ଦେଲେ। ଧୀରେ ଧୀରେ ସେ ଏକ ଆବଶ୍ୟକୀୟ ବ୍ୟକ୍ତିତ୍ୱ ହୋଇଗଲେ। ସେ ଥିଲେ ବକ୍ତାର ଅଭାବ ଅନୁଭୂତ ହେଉନଥିଲା। ପ୍ରାୟ ସମସ୍ତ ପାଠଚକ୍ରରେ ସେ ଭାଷଣ ଦେବା ଆରମ୍ଭ କଲେ। ଗୋଟିଏ ସାଇକେଲ ଚଳାଇ ସେ ଅନେକ ଦୂର ପର୍ଯ୍ୟନ୍ତ ପାଠଚକ୍ରରେ ଯୋଗଦେବାକୁ ଚାଲିଯାଉଥିଲେ। କଟକ ସହର ପୂର୍ବାଞ୍ଚଳରେ ସେ ଥିଲେ ମୁଖ୍ୟ ସଙ୍ଗଠକ। ହଳେ ଟ୍ରାଉଜର ପଞ୍ଜାବୀ ଏବଂ ଉପରେ ଗୋଟିଏ ନେହେରୁ ଜ୍ୟାକେଟ। ବାସ। ଅତ୍ୟନ୍ତ ସରଳ ପୋଷାକ। ସବୁ କିଛି ସରଳ। ଆଉ ଯେତେବେଳେ ସେ ଶ୍ରୀଅରବିନ୍ଦଙ୍କୁ ଗ୍ରହଣ କଲେ ସେତେବେଳେ କେବଳ ଶ୍ରୀଅରବିନ୍ଦ। ଆଉ ଥରେ ବି ଅନ୍ୟ କୌଣସି ଦର୍ଶନ ତାଙ୍କ ମଧ୍ୟରେ ପ୍ରବେଶ କରିନି। ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ କହିଲା ବେଳେ ଭୁଲ ତ୍ରୁଟି କହିଲେ ସେ ଭୀଷଣ ବିରକ୍ତ ହୋଇଯାଉଥିଲେ।

ଧୀରେ ଧୀରେ ମୃଣାଳ ଭାଇ ଅସୁସ୍ଥ

ହେବା ଆରମ୍ଭ ହେଲା । ଆଉ ଆଗଭଳି ଏତେ ପରିଶ୍ରମ କରିପାରିଲେ ନାହିଁ । ଘରେ ଭାଉଜଙ୍କର ମଧ୍ୟ ଶରୀର ସୁସ୍ଥ ରହିଲା ନାହିଁ । କିଛି ଦିନ ଅସୁସ୍ଥ ରହିବା ପରେ ପୁଣି ସୁସ୍ଥ ହେଲେ । ବାପି ମଝିରେ ମଝିରେ ମାତୃଭବନ ଆସିଲେ ଆମେ ମୃଣାଳ ଭାଇଙ୍କ କଥା ବୁଝୁ । ମଝିରେ ମଝିରେ ମାତୃଭବନ ତରଫରୁ କେହି ତାଙ୍କ ଘରକୁ ମଧ୍ୟ ଯାଇ ଶରୀର କଥା ବୁଝି ଆସନ୍ତି ।

ମାତ୍ର ଗତ ଡିସେମ୍ବର ମାସରେ ଖବର ମିଳିଲା ମୃଣାଳ ଭାଇ ମେଡ଼ିକାଲରେ ଆଡ୍‌ମିଟ୍ ହୋଇଛନ୍ତି । କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଆମେ ଯାଇ ପାରିନଥିଲୁ । କିନ୍ତୁ ଖବର ରଖୁଥିଲୁ । ମାତ୍ର ହଠାତ୍ ଖବର ମିଳିଲା ୧୮ ତାରିଖ ସନ୍ଧ୍ୟାବେଳେ ମୃଣାଳ ଭାଇ ଶରୀର ଛାଡ଼ିଲେ । ବୟସ ହୋଇଥିଲା ୭୮ ବର୍ଷ ।

ତାଙ୍କର ମରଶରୀର ମାତୃଭବନକୁ ଅଣାହେଲେ । ସେଠାରେ ଆମେ ସମବେତ ଧ୍ୟାନ ସହିତ କୃତଜ୍ଞତା ଜ୍ଞାପନ କଲୁ । ସେଇ ଶରୀର ଯିଏ କି ନିଜର ସମସ୍ତ ସାମର୍ଥ୍ୟ ଦେଇ ମା'ଙ୍କ କାର୍ଯ୍ୟ କରିଥିଲେ-ସିଏ ବିଦାୟ ନେଲେ- ପୁଣି ଏକ ନୂତନ ଶରୀରରେ ଆସିବା ପାଇଁ ।

ଆସନ୍ତୁ ମୃଣାଳ ଭାଇ- ପୁଣି ଆସନ୍ତୁ- ଖୁବ୍ ଶୀଘ୍ର ଆସନ୍ତୁ । ଆପଣଙ୍କ ପାଇଁ ଅନେକ କାମ ବାକି ଅଛି ।

ଆପଣଙ୍କ ନିକଟରେ ଆମର ଅଜସ୍ର କୃତଜ୍ଞତା ।

*ପ୍ରସାଦ ତ୍ରିପାଠୀ*

●

## ଶ୍ରୀ ପ୍ରପତ୍ତିଙ୍କ ରଚନା ସଙ୍କଳନ

ଶ୍ରୀ ପ୍ରପତ୍ତିଙ୍କ ଜନ୍ମ ଶତବାର୍ଷିକୀ ଆସନ୍ତା ୩୦ ଏପ୍ରିଲ ୨୦୨୨ ରୁ ୩୦ ଏପ୍ରିଲ ୨୦୨୩ ପର୍ଯ୍ୟନ୍ତ ପାଳନ କରାଯିବ । ଏହା ପୂର୍ବରୁ ତାଙ୍କ ରଚନାର ଏକ ସଙ୍କଳନ ପ୍ରକାଶ ପାଇବା ନିମନ୍ତେ ଚେଷ୍ଟା କରାଯାଉଛି । ଏହି ଉପଲକ୍ଷ୍ୟେ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ଅନୁରୋଧ ଶ୍ରୀ ପ୍ରପତ୍ତିଙ୍କ ଚିଠି ଏବଂ ଫଟୋ ଯଦି କାହା ନିକଟରେ ଥାଏ, ତେବେ ଚିଠିର ଜେରକ୍ସ ଏବଂ ଫଟୋକୁ ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ-୭୫୩୦୧୩ ଠିକଣାରେ ପଠାଇବେ ।

# ମାନବଯୁଗଚକ୍ର ଆଲୋଚନା

ଶ୍ରୀଅରବିନ୍ଦଙ୍କ ସାହିତ୍ୟକୁ ଦର୍ଶନ ବୋଲି କେବଳ ଭାବି ଏକ ଦାର୍ଶନିକ ଦୃଷ୍ଟିକୋଣରୁ ବିଚାର କଲେ ବୋଧହୁଏ ଅନେକ କିଛି ସାରତତ୍ତ୍ୱ ତା' ମଧ୍ୟରୁ ଉହ୍ୟ ରହିଯିବ। ଆମେ ସମସ୍ତେ ଜାଣିଚୁ ଶ୍ରୀମାଶ୍ରୀଅରବିନ୍ଦ ମଣିଷ ମନର ଜିଜ୍ଞାସାର ସମସ୍ତ ଫର୍ଦ୍ଦକୁ ଖୋଲିଦେଇଛନ୍ତି। ଏକ ପୂର୍ଣ୍ଣାଙ୍ଗ ଧାରଣାର ପ୍ରୟୋଜନରେ ଆପଣ ଜୀବନକୁ ଯେଉଁ ଦିଗରୁ ଋଦ୍ଧିମନ୍ତ କରିବାକୁ ଇଚ୍ଛାକରିବେ ତେବେ କେବଳ ଶ୍ରୀମା ଏବଂ ଶ୍ରୀଅରବିନ୍ଦଙ୍କର ସାହିତ୍ୟରୁ ସମସ୍ତ ସାହାଯ୍ୟ ପ୍ରାପ୍ତ ହେବେ।

ସୌଭାଗ୍ୟର କଥା, ଏବେ ଓଡ଼ିଶାରେ ଅନେକ ସ୍ଥାନରେ ଶ୍ରୀଅରବିନ୍ଦଙ୍କର ମୂଳ ପୁସ୍ତକକୁ ନେଇ ଆଲୋଚନା ଚକ୍ରମାନ ଆରମ୍ଭ ହୋଇଅଛି। ମାତୃଭବନରେ ଅନେକ ଦିନରୁ ଏପ୍ରିଲ ସମ୍ମିଳନୀରେ ଶ୍ରୀଅରବିନ୍ଦଙ୍କର କେତେ ଗୁଡ଼ିଏ ପୁସ୍ତକ ଆଲୋଚନା କରାଯାଇଛି ଏବଂ ଏବେ ମଧ୍ୟ ଚାଲୁଅଛି।

ଏହା ମଧ୍ୟରେ ଗତ ୨୦୧୬ ମସିହାରୁ ପ୍ରତ୍ୟେକ ଦୁଇମାସରେ ଥରେ ଶ୍ରୀଅରବିନ୍ଦଙ୍କ ମାନବ ଯୁଗଚକ୍ର (Human Cycle) ପୁସ୍ତକର ଗୋଟିଏ ଅଧ୍ୟାୟକୁ ବିସ୍ତୃତ ଭାବରେ ଆଲୋଚନା କରାଯାଉଛି। ଏହା କ୍ରମାନ୍ୱୟରେ ଚାଲି ଆସନ୍ତା ୨୦୧୮ ଫେବୃୟାରୀ ମାସରେ ଏହାର ଏକାଦଶ ଅଧ୍ୟାୟ ଆଲୋଚନା କରାଯିବା ପାଇଁ ସିଦ୍ଧାନ୍ତ ନିଆଯାଇଛି। ପ୍ରତ୍ୟେକ ଦ୍ୱିତୀୟ ମାସର ପ୍ରଥମ ରବିବାର ଦିନ ପାଇଁ ଏହା ଆପାତତଃ ସ୍ଥିର କରାଯାଇଛି ଏବଂ ନିରବଚ୍ଛିନ୍ନ ଭାବରେ ଚାଲୁଅଛି। ଏକଦମ୍ ଜରୁରୀ ନହେଲେ ଏହାର ଦିନ କିମ୍ବା ସମୟ ପରିବର୍ତ୍ତନ କରାଯାଉନାହିଁ। ଏହି ଆଲୋଚନା ଚକ୍ରରେ ବିଭିନ୍ନ ଅଧ୍ୟାୟକୁ ଏପର୍ଯ୍ୟନ୍ତ ଶ୍ରୀ ସମରେନ୍ଦ୍ର ରାଉତ, ଡ: ଗୋଲୋକ ବିହାରୀ ସାହୁ, ଡ: ସରୋଜକାନ୍ତ ମିଶ୍ର, ଶ୍ରୀ କାଳନ୍ଦୀ ଚରଣ ସେନାପତି, ଶ୍ରୀ ଜନ୍ମେଜୟ ଦ୍ୱିବେଦୀ, କୁମାରୀ ଯଶସ୍ୱୀନି ରାୟ, ଶ୍ରୀ କପିଳାସ ପ୍ରସାଦ ଦାଶ, ଶ୍ରୀ ରାଧାକାନ୍ତ ମିଶ୍ର ପ୍ରଭୃତି ବକ୍ତାମାନେ ଆଲୋଚନା କରିଛନ୍ତି। ଏମାନଙ୍କ ମଧ୍ୟରୁ କେହି କେହି ଏକାଧିକ ଅଧ୍ୟାୟ ମଧ୍ୟ ଆଲୋଚନା କରିଛନ୍ତି। ଏହି ଆଲୋଚକମାନଙ୍କୁ ଦୁଇମାସ ଆଗରୁ ପ୍ରାୟତଃ ଏଥିପାଇଁ ପ୍ରସ୍ତୁତ ରହିବାକୁ ବିଷୟ କହି ଦିଆଯାଇଥାଏ। ତେଣୁ ସେମାନେ ଦୁଇ ମାସ ମଧ୍ୟରେ ନିଜର ସମୟ ଦେଇ ଅଧ୍ୟାୟଟିକୁ ଆଲୋଚନା କରିବା ପାଇଁ ପ୍ରସ୍ତୁତ ହୁଅନ୍ତି। କେହି କେହି କମ୍ପ୍ୟୁଟରରେ Power Point ମାଧ୍ୟମରେ ମଧ୍ୟ ପ୍ରସ୍ତୁତ

ହୋଇ ତାଙ୍କ ଅଧ୍ୟାୟକୁ ଉପସ୍ଥାପନ କରିଥାନ୍ତି।

ମାତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଗୋଟିଏ ଗୋଷ୍ଠୀ ଶ୍ରୋତା ଏହି କାର୍ଯ୍ୟକ୍ରମକୁ ନିରବଚ୍ଛିନ୍ନ ଭାବରେ ଶୁଣି ଆସୁଛନ୍ତି ଏବଂ ଉପକୃତ ହେଉଛନ୍ତି। ସେମାନଙ୍କ ମଧ୍ୟରେ ପୁରୀରୁ, କେନ୍ଦୁଝରରୁ, ଆଠଗଡ଼ରୁ, ଭଦ୍ରଖରୁ, କଟକ ଜିଲ୍ଲାର ଅନ୍ୟାନ୍ୟ କେତେକ ସ୍ଥାନରୁ ମଧ୍ୟ ଶ୍ରୋତାମାନେ ଆସି ଯୋଗଦେଉଛନ୍ତି। ବର୍ତ୍ତମାନ ଏ କାର୍ଯ୍ୟକ୍ରମର ଏକ ଆବଶ୍ୟକତାକୁ ସେମାନେ ବୁଝିପାରିଛନ୍ତି ଏବଂ ଆନ୍ତରିକ ଭାବରେ ଯୋଗଦାନ କରୁଛନ୍ତି।

ଏହିଭଳି ଭାବରେ ମଧ୍ୟ ଆଉ କେତେକ ସ୍ଥାନରେ କରାଯାଉଛି। ମାତ୍ର ଭିନ୍ନ ଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ ଅଧ୍ୟାୟକୁ ଆଲୋଚନା କଲେ ତାହା ଅଧିକ ଜୀବନ୍ତ ଲାଗୁଛି।

ଯଦି "ମାନବ ଯୁଗଚକ୍ର" ପୁସ୍ତକର ବିଭିନ୍ନ ଅଧ୍ୟାୟକୁ ଅନ୍ୟ ସ୍ଥାନମାନଙ୍କରେ ଏପରି ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଆଲୋଚନା କରାଯାଏ ତେବେ ମାତୃଭବନଠାରେ ଯେଉଁ ବ୍ୟକ୍ତିମାନେ ଆଲୋଚନା କରୁଛନ୍ତି, ସେମାନଙ୍କୁ ଅନୁରୋଧ କରି ସେଠାକୁ ମଧ୍ୟ ପଠାଇବାର ବ୍ୟବସ୍ଥା କରାଯାଇପାରନ୍ତା ଏବଂ ସ୍ଥଳ ବିଶେଷରେ ସେ ସବୁ ସ୍ଥାନରେ ଯଦି କେହି ଏହି ପୁସ୍ତକକୁ ଆଲୋଚନା କରୁଥାନ୍ତି, ତେବେ ସେମାନଙ୍କୁ ମଧ୍ୟ ମାତୃଭବନରେ ଆଲୋଚନାରେ ଅଂଶଗ୍ରହଣ କରିବାପାଇଁ ଅନୁରୋଧ କରାଯାଇ ପାରନ୍ତା।

ଏପରି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଆଗ୍ରହୀ ବ୍ୟକ୍ତିମାନେ ସମ୍ପୃକ୍ତ ହେବାପାଇଁ ଅନୁରୋଧ।

***ପ୍ରସାଦ ତ୍ରିପାଠୀ***

●

## ବିଶେଷ ସୂଚନା

ସଙ୍ଗଠନ ସମାଚାରରେ ଆସୁଥିବା ସମ୍ବାଦଗୁଡ଼ିକରେ ଥିବା ନାମଗୁଡ଼ିକ ଅପା/ଭାଇ ପରିବର୍ତ୍ତେ ପୁରାନାମ ପଠାଇବାକୁ ଅନୁରୋଧ। ତାହେଲେ ସେମାନଙ୍କର ପ୍ରକୃତ ନାମଗୁଡ଼ିକ ଜାଣି ହେବ। ଅନୁରୋଧ, ଆଗାମୀ ପ୍ରତ୍ୟେକ ସଂଖ୍ୟା ପାଇଁ ସମସ୍ତ କର୍ମୀ ବା ସଙ୍ଗଠକମାନଙ୍କର ପୂର୍ଣ୍ଣନାମ ପଠାଇବେ।

ସମ୍ପାଦକ

# ସଙ୍ଗଠନ ସମାଚାର

## ସତ୍ୟ ମଣ୍ଡଳ

**କଟକ:-** ନଭେମ୍ବର ୫, ୧୧, ୧୨, ୧୫, ୧୮ ଓ ୧୯ ତାରିଖରେ ନିଳାଦ୍ରୀ ବିହାରସ୍ଥିତ ରବିନ୍ଦ୍ର କୁମାର ଘୋଷ, ବେଲେଶ୍ୱରସ୍ଥିତ ଲାବଣ୍ୟ ତ୍ରିପାଠୀ, ଶ୍ରୀରାମନଗରସ୍ଥିତ ନଳୀନି ରାଉତରାୟ, ଦୁଲ୍ଲାଦେଇ ରୋଡସ୍ଥିତ ଜ୍ୟୋତ୍ସ୍ନା ପରିଡା, ରାଜେନ୍ଦ୍ର ନଗରସ୍ଥିତ ନିରଞ୍ଜନ ମହାରଣା, ଅନ୍ଧରପୁରସ୍ଥିତ ଧନେଶ୍ୱର ମହାନ୍ତି ପ୍ରମୁଖଙ୍କ ବାସଭବନରେ ମାସିକ ଶ୍ରୀଅରବିନ୍ଦ ପାଠଚକ୍ରରେ ମାନବ ଯୁଗଚକ୍ର ପୁସ୍ତକର ପୃଷ୍ଠା ୩୬ ରୁ ୪୯ ପର୍ଯ୍ୟନ୍ତ ପାଠ କରାଯାଇ ଆଲୋଚନା କରାଯାଇଥିଲା।... ୧୦.୧୧.୧୭ରେ ବିଶିନବର ଦାସସାହିସ୍ଥିତ ନୟନା ମହାନ୍ତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ଏକାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଚିରନ୍ତନ ତାରୁଣ୍ୟ" ସମ୍ପର୍କରେ କୃଷ୍ଣଚନ୍ଦ୍ର ଘଡେଇ, ପଦ୍ମଲୋଚନ ପୋଥାଳ ଓ ରାମକୃଷ୍ଣ ନାୟକ ଅଂଶଗ୍ରହଣ କରିଥିଲେ।... ୧୫.୧୧.୧୭ରେ ମଦନମୋହନ ନଗରସ୍ଥିତ ପ୍ରମୋଦ କୁମାର ଦାସଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ଦ୍ୱାଦଶ ବାର୍ଷିକ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୨୪.୧୧.୧୭ରେ କାଜିଡିହସ୍ଥିତ ବୀରବର ବିଶ୍ୱାଳଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୨୬ତମ ବାର୍ଷିକୋତ୍ସବରେ "ଦୈନନ୍ଦିନ ଜୀବନରେ ସାଧନା ଭାବେ ଗ୍ରହଣ କରିବା" ସମ୍ପର୍କରେ ଆଲୋଚନା କରିଥିଲେ।... ୨୫.୧୧.୧୭ରେ କାଜିଡିହସ୍ଥିତ ବିରଜାକିଙ୍କର ସିହ୍ନାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୨୬ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "For better tomorrow" ସମ୍ପର୍କରେ ଆଲୋଚନା କରିଥିଲେ।... ୧୦.୧୨.୧୭ରେ ବାଙ୍କୀସ୍ଥିତ ଶ୍ରୀ ଅଖିଳ ବିରବର ହରିଚନ୍ଦନଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ଉନ୍ନବିଂଶତମ ବାର୍ଷିକୋତ୍ସବ ଅପର୍ତ୍ତି ଚରଣ ମନ୍ତ୍ରୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହେନ୍ଦ୍ର କୁମାର ପରିଡା ଓ ରମାକାନ୍ତ ମହାପାତ୍ର "ପୂର୍ଣ୍ଣଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୌଶିକ ନାୟକ, ଉମେଶ ପଟ୍ଟନାୟକ ଓ ନୀଳମଣି ମହାପାତ୍ର ଅଂଶଗ୍ରହଣ କରିଥିଲେ।... ୨୭.୧୧.୧୭ରେ ମଦନମୋହନ ନଗରସ୍ଥିତ ପ୍ରଦୀପ ସ୍ୱାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ଏକାଦଶ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ

"ଭବିଷ୍ୟତର ମନୁଷ୍ୟ ପାଇଁ ନିଜକୁ ପ୍ରସ୍ତୁତ କରିବା" ସମ୍ପର୍କରେ ପଦ୍ମଲୋଚନ ପୋଥାଳ ଆଲୋଚନା କରିଥିଲେ।... ୧୭.୧୨.୧୭ରେ ଚକୁଳେଶ୍ୱରସ୍ଥିତ ମହେନ୍ଦ୍ର କୁମାର ପରିଡାଙ୍କ ବାସଭବନରେ ଶ୍ରୀଅରବିନ୍ଦ ସାଧନାପୀଠର ୨୯ତମ ବାର୍ଷିକୋତ୍ସବ ଅଖିଳ ବୀରବର ହରିଚନ୍ଦନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ବିହାରୀ ବ୍ରହ୍ମ "ପୂର୍ଣ୍ଣଯୋଗ ଓ ଶ୍ରୀଅରବିନ୍ଦଙ୍କ ସାବିତ୍ରୀ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅପର୍ତ୍ତୀ ଚରଣ ମନ୍ତ୍ରୀ ଓ ଚନ୍ଦନ ସୁବୁଦ୍ଧି ଅଂଶଗ୍ରହଣ କରିଥିଲେ।... ୨୫.୧୨.୧୭ରେ ମଙ୍ଗଳପୁରସ୍ଥିତ ବୃନ୍ଦାବନ ଚନ୍ଦ୍ର ପ୍ରଧାନଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୧୨ତମ ବାର୍ଷିକୋତ୍ସବ ଜଗବନ୍ଧୁ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦିବ୍ୟ ଆରାଧନା ଓ ସୁରକ୍ଷା" ସମ୍ପର୍କରେ ଶୁକଦେବ ସାମଲ, ଦୁର୍ଗାଚରଣ ନାୟକ ଓ ଉର୍ମିଳା ରାଉତ ଆଲୋଚନା କରିଥିଲେ।... ୨୫.୧୨.୧୭ରେ ବାଙ୍କୀସ୍ଥିତ ଦାମୋଦର ରାଜଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୧୮ତମ ବାର୍ଷିକୋତ୍ସବ ଅଖିଳ ବୀରବର ହରିଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅପର୍ତ୍ତିଚରଣ ମନ୍ତ୍ରୀ, ମହେନ୍ଦ୍ର କୁମାର ପରିଡା ଓ ଚନ୍ଦନ କୁମାର ସୁବୁଦ୍ଧି ଅଂଶଗ୍ରହଣ କରିଥିଲେ।... ୨୯.୧୨.୧୭ରେ ବାଙ୍କୀସ୍ଥିତ ନବକିଶୋର ରାଉତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚନ୍ଦନ ସୁବୁଦ୍ଧି, ମହେନ୍ଦ୍ର କୁମାର ପରିଡା, ଅପର୍ତ୍ତୀ ଚରଣ ମନ୍ତ୍ରୀ, କୌଶିକ ନାୟକ, ଉମେଶ ପଟ୍ଟନାୟକ ଓ ରମାକାନ୍ତ ମହାପାତ୍ର ଅଂଶଗ୍ରହଣ କରିଥିଲେ।

**ଯାଜପୁର:**-୭.୧୧.୧୭ କୋଇରାବନ୍ଦିସ୍ଥିତ ପବିତ୍ର ରାଉତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ବନମାଳୀ ଆଚାର୍ଯ୍ୟଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମା' ପୁସ୍ତକ" ଓ "ଜନ୍ମଦିନ" ସମ୍ପର୍କରେ ଆଲୋଚନା କରାଯାଇଛି।... ୧୯.୧୧.୧୭ରେ ମଲାରିଆ ଗ୍ରାମରେ ଶ୍ରୀଅରବିନ୍ଦ ଆଞ୍ଚଳିକ ପାଠଚକ୍ର ସମ୍ମିଳନୀ କୀର୍ତ୍ତନ ବିହାରୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୈଳାଶ ଚନ୍ଦ୍ର କୁଅଁର ଓ ମଦନ କର ଅଂଶଗ୍ରହଣ କରିଥିଲେ।... ୨୪.୧୧.୧୭ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଚିତ୍ରିର ବାର୍ଷିକୋତ୍ସବ ବୋଧିରାମ ଦଉଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ବିହାରୀ ରାଉତ ଉଦବୋଧନ ଦେଇଥିଲେ। ... ନଭେମ୍ବର ୨୪ ରୁ ୨୬ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଡୁବୁରୀଠାରେ ଜିଲ୍ଲାସ୍ତରୀୟ ଆଲୋକ ସେନା ଶିବିର

ଜଗତାନନ୍ଦ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୃଷ୍ଣଚନ୍ଦ୍ର ଘଡେଇ, କୈଳାଶ କୁଅଁର, କୀର୍ତ୍ତନ ବିହାରୀ ରାଉତ, ବନମାଳୀ ଆଚାର୍ଯ୍ୟ, ବିଦ୍ୟାଧର ସାହୁ ଓ ପୁରୁଷୋତ୍ତମ ନାୟକ ସହଯୋଗ କରିଥିଲେ ।... ଡିସେମ୍ବର ୧୫ ରୁ ୧୭ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଖେମେଶ୍ୱରଠାରେ ଜିଲ୍ଲାସ୍ତରୀୟ ବାର୍ଷିକ କ୍ରୀଡା ଉତ୍ସବ ସୁଶାନ୍ତ କୁମାର ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗଦାଧର ମିଶ୍ର, ଗୋଲକ ନାୟକ, କୀର୍ତ୍ତନ ବିହାରୀ ରାଉତ ଓ ଦୂତୀ ଚାନ୍ଦ ଅଂଶଗ୍ରହଣ କରିଥିଲେ ।... ଡିସେମ୍ବର ୨୩ ଓ ୨୪ ଦୁଇଦିନଧରି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ରଗଡିଠାରେ ବନମାଳୀ ଆଚାର୍ଯ୍ୟଙ୍କ ପରିଚାଳନାରେ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ କୈଳାଶ ଚନ୍ଦ୍ର କୁଅଁର, ସୁଦେବୀ ସ୍ୱାଇଁ, ଶନ୍ତନୁ ମିଶ୍ର ଓ କୀର୍ତ୍ତନ ବିହାରୀ ରାଉତ "ରୂପାନ୍ତର ଯୋଗରେ ନାମଜପ" ସମ୍ପର୍କରେ ଆଲୋଚନା କରିଥିଲେ ।... ନଭେମ୍ବର ୨୩ ଓ ୨୪ ଦୁଇଦିନଧରି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଚିତ୍ରୀର ରୌପ୍ୟଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ କୀର୍ତ୍ତନ ବିହାରୀ ରାଉତ, ବିଶ୍ୱଜିତ ମହାନ୍ତି, ବନମାଳୀ ଆଚାର୍ଯ୍ୟ, ଜନାର୍ଦ୍ଦନ ଆଚାର୍ଯ୍ୟ, ମଦନ ମୋହନ କର, ଦିଲୀପ ନନ୍ଦ, କୁମମଣି ଦତ୍ତ, ଅକ୍ଷୟ ସାହୁ, ନିବେଦିତା ମହାନ୍ତି, ଅକ୍ଷୟ ହୋତା, କୈଳାସ କୁଅଁର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।... ୫.୧୨.୧୭ରେ ମାତୃସଦନ, ଯାଜପୁରଠାରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠାର ଏକବିଂଶତମ ବାର୍ଷିକୋତ୍ସବ ପୁରୁଷୋତ୍ତମ ନାୟକଙ୍କ ସଞ୍ଚୋଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯଦୁନନ୍ଦନ ସାମଲ, ଶ୍ରୀପତି କୁମାର ନାୟକ, କୀର୍ତ୍ତନ ବିହାରୀ ରାଉତ ଓ ସର୍ବେଶ୍ୱର ମହାପାତ୍ର ଅଂଶଗ୍ରହଣ କରିଥିଲେ ।... ୨୪.୧୨.୧୭ରେ ଆନ୍ଦୋଳାସ୍ଥିତ ଲିସ୍ମା ଜେନାଙ୍କ ବାସଭବନରେ ଶ୍ରୀଅରବିନ୍ଦ ଘରୋଇ ପାଠଚକ୍ରର ବାର୍ଷିକୋତ୍ସବ କହ୍ନେଇ ଚରଣ ପୃଷ୍ଟିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ନିଜକୁ ପର୍ଯ୍ୟବେକ୍ଷଣ କରିବା" ଓ "ମନକୁ ନୀରବ ରଖିବା" ସମ୍ପର୍କରେ ଆନନ୍ଦ ଚନ୍ଦ୍ର ମହାନ୍ତି ଆଲୋଚନା କରଥିଲେ ।... ୨୫.୧୨.୧୭ରେ ଦଶରଥପୁରଠାରେ ଶ୍ରୀଅରବିନ୍ଦ ସାଧନାପୀଠର ବାର୍ଷିକୋତ୍ସବ ନରେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆନନ୍ଦ ଚନ୍ଦ୍ର ମହାନ୍ତି, ରବିପ୍ରସାଦ ସାମଲ ଓ ସୁବାସ ଚନ୍ଦ୍ର କର ଅଂଶଗ୍ରହଣ କରିଥିଲେ ।... ୨୫.୧୨.୧୭ରେ ଗଣପତିପୁରସ୍ଥିତ କ୍ଷୀରୋଦ କୁମାର ସାମଲଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର କହ୍ନେଇ ଚରଣ ପୃଷ୍ଟି

ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆନନ୍ଦ ଚରଣ ମହାନ୍ତି "ମା' ପୁସ୍ତକର ୩ୟ ଅଧ୍ୟାୟ" ଆଲୋଚନା କରିଥିଲେ।... ଡିସେମ୍ବର ୨୬ ରୁ ୨୮ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ଯୋଗ ନିକେତନ, ପାଣିକୋଇଲିଠାରେ ସତ୍ୟଜୋନ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏସନ୍‌ର ଜୋନାଲସ୍ତରୀୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆଲୋଚନା ଓ ପ୍ରଶିକ୍ଷଣ ଶିବିର ଶ୍ୟାମା କାନୁନଗୋଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହୃଷିକେଶ ପାତ୍ର, ବିପିନ ବିହାରୀ କର ଓ ଡ: ପ୍ରଶାନ୍ତ ନନ୍ଦ, "ଚିକିତ୍ସାଜ୍ଞାନ ଓ କୌଶଳ" ସମ୍ପର୍କରେ ଆଲୋଚନା କରିଥିଲେ।

**ଜଗତସିଂହପୁର:-** ୧୨.୧୧.୧୭ରେ ଗୋବର୍ଦ୍ଧନପୁରସ୍ଥିତ ଭିକାରୀ ଚରଣ ରାଉତଙ୍କ ବାସଭବନରେ କୁଜଙ୍ଗ ୟୁନିଟ୍‌ର ମିଳିତ ପାଠଚକ୍ର ସର୍ବେଶ୍ୱର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରମାକାନ୍ତ ସ୍ୱାଇଁ, ମାଗୁଣି ଚରଣ ଦାଶ, ଜଗବନ୍ଧୁ ସ୍ୱାଇଁ, କେଶବ ଦଳାଇ ଓ ଅଶୋକ ରାଉତ ଅଂଶଗ୍ରହଣ କରିଥିଲେ।... ୨୪.୧୧.୧୭ରେ କେନ୍ଦାଲସ୍ଥିତ କ୍ଷୀରୋଦ ଓଝାଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଲିପି ଓଝାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବରାଜ ପାତ୍ର ଅଂଶଗ୍ରହଣ କରିଥିଲେ।

**କେନ୍ଦ୍ରାପଡା:-** ଡିସେମ୍ବର ୧ ରୁ ୩ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବେଲତଳଠାରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ କ୍ରୀଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ: ଧନେଶ୍ୱର ପ୍ରଧାନ, ଭଗବତୀ ପ୍ରସାଦ ଦାସ ଓ ନୟନା ବେହେରା ଅଂଶଗ୍ରହଣ କରିଥିଲେ।... ୩.୧୨.୧୭ରେ ଆୟିତିପୁରସ୍ଥିତ ନରହରି ସାମନ୍ତରାୟଙ୍କ ବାସଭବନରେ ମମତା ମହାନ୍ତିଙ୍କ ଶ୍ରୀଅରବିନ୍ଦ ପାଠଚକ୍ରର ୨୧ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦେବ ମୁହୂର୍ତ୍ତ" ସମ୍ପର୍କରେ ସନ୍ତୋଷ କୁମାର ନାୟକ, ନୟନା ବେହେରା ଓ ବଙ୍କିମ ଚନ୍ଦ୍ର ପ୍ରଧାନ ଆଲୋଚନା କରିଥିଲେ।... ୫.୧୨.୧୭ରେ ମଧୁସୂଦନପୁରସ୍ଥିତ ତନ୍ମୟ କୁମାର ସାହୁଙ୍କ ଶ୍ରୀଅରବିନ୍ଦ ପାଠଚକ୍ରର ୧୨ତମ ବାର୍ଷିକୋତ୍ସବ ଜଗବନ୍ଧୁ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ତାଙ୍କ ପାଖରେ କୃତଜ୍ଞତା" ସମ୍ପର୍କରେ ନାରାୟଣ ପ୍ରସାଦ ସିଂହ, ଉର୍ମିଳା ରାଉତ ଓ ବିପିନ ବିହାରୀ କର ଆଲୋଚନା କରିଥିଲେ।... ୮.୧୨.୧୭ରେ ଖଡିଅଙ୍ଗସ୍ଥିତ ଧନେଶ୍ୱର ପ୍ରଧାନଙ୍କ ଶ୍ରୀଅରବିନ୍ଦ ପାଠଚକ୍ରର ଦ୍ୱାଦଶ ବାର୍ଷିକ ଉତ୍ସବ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଧର୍ମ ଓ ଆଧ୍ୟାତ୍ମିକତା" ସମ୍ପର୍କରେ ଶ୍ରୀପତି ନାୟକ ଓ "ସାବିତ୍ରୀ" ସମ୍ପର୍କରେ

ମହେନ୍ଦ୍ରନାଥ ସ୍ୱାଇଁ ଆଲୋଚନା କରିଥିଲେ।...୧୨.୧୨.୧୭ରେ ଜଜାଙ୍ଗସ୍ଥିତ ନୟନା ବେହେରାଙ୍କ ଶ୍ରୀଅରବିନ୍ଦ ସାଧନା କେନ୍ଦ୍ରର ୫ମ ବାର୍ଷିକ ଉତ୍ସବ ସନ୍ତୋଷ କୁମାର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସମର୍ପଣ" ସମ୍ପର୍କରେ ମଳୟ କୁମାର ଜେନା, ଭଗବତୀ ପ୍ରସାଦ ଦାସ ଓ ଶୁକଦେବ ସାମଲ ଆଲୋଚନା କରିଥିଲେ।... ୧୭.୧୨.୧୭ରେ ରାଜକନିକାସ୍ଥିତ ରାଜେନ୍ଦ୍ର ନାରାୟଣ ହାଇସ୍କୁଲରେ ଶ୍ରୀଅରବିନ୍ଦ ପାଠଚକ୍ର ସୁବାସ ଚନ୍ଦ୍ର ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ଭାରତର ସ୍ୱାଧୀନତା", "ଆତ୍ମା ଓ ଚୈତ୍ୟ ସତ୍ତା" ଓ "ସାବିତ୍ରୀ" ସମ୍ପର୍କରେ ବୈକୁଣ୍ଠ ନାଥ ଜେନା, ଶରତ ଚନ୍ଦ୍ର ରଥ ଓ ମହେନ୍ଦ୍ରନାଥ ସ୍ୱାଇଁ ଆଲୋଚନା କରିଥିଲେ।... ୨୨.୧୨.୧୭ରେ ଓଳାଭରସ୍ଥିତ ଦେଉଳସାହି ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ର ସମୀର ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜୀବନର ଲକ୍ଷ୍ୟ" ସମ୍ପର୍କରେ କାଳୀ ପ୍ରସାଦ ନାୟକ, ନୟନା ବେହେରା ଓ ଅଞ୍ଜନା ପ୍ରଧାନ ଆଲୋଚନା କରିଥିଲେ।... ୨୩.୧୨.୧୭ରେ ପରକୂଳାସ୍ଥିତ ଘନଶ୍ୟାମ ପଣ୍ଡାଙ୍କ ବାସଭବନରେ ଅନୁପମା ପଣ୍ଡାଙ୍କ ମା' ଜଗଦ୍ଧାତ୍ରୀ ମହିଳା ପାଠଚକ୍ରର ୧୮ତମ ବାର୍ଷିକୋତ୍ସବ ପିତାମ୍ବର ମଲ୍ଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଚୈତ୍ୟସତ୍ତା" ସମ୍ପର୍କରେ ମାଗୁଣୀ ଚରଣ ଦାଶ, ଉର୍ମିଳା ରାଉତ ଓ ପ୍ରଭାତ କୁମାର ନାୟକ ଆଲୋଚନା କରିଥିଲେ।... ୨୪.୧୨.୧୭ରେ ଚଢ଼େଇଗୁଆଁସ୍ଥିତ ମୋହନ ଚରଣ ନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୨୮ତମ ବାର୍ଷିକୋତ୍ସବ ସର୍ବେଶ୍ୱର ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦିବ୍ୟଜନନୀଙ୍କ ଆରାଧନା" ଓ "ଦିବ୍ୟ ସୁରକ୍ଷା" ସମ୍ପର୍କରେ କୀର୍ତ୍ତନ ବିହାରୀ ବ୍ରହ୍ମ ଓ ଉର୍ମିଳା ରାଉତ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜଗନମୋହନ ସ୍ୱାଇଁ ସହଯୋଗ କରିଥିଲେ।... ୩୧.୧୨.୧୭ରେ କେନ୍ଦ୍ରାପଡା ୟୁନିଟ୍ ମିଳିତ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ରୂପାନ୍ତର ଯୋଗରେ ନାମଜପ" ସମ୍ପର୍କରେ ନୟନା ବେହେରା, ସନ୍ତୋଷ କୁମାର ନାୟକ, ଅଞ୍ଜନା ପ୍ରଧାନ, ପିତାମ୍ବର ମଲ୍ଲ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଧନେଶ୍ୱର ପ୍ରଧାନ ଓ ଭଗବତୀ ପ୍ରସାଦ ଦାସ ଅଂଶଗ୍ରହଣ କରିଥିଲେ।

**କେନ୍ଦୁଝରଃ-** ୫.୧୨.୧୭ରେ ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ କେନ୍ଦୁଝର, ମାତୃନିଳୟ, କଇନିପୁରା ସାଧନାପୀଠ, ବେଲବାହାଳୀ ଶ୍ରୀଅରବିନ୍ଦ ସାଧନାପୀଠ,

ମୁଗୁପୁର ଶ୍ରୀଅରବିନ୍ଦ ସାଧନାପୀଠଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୯.୧୨.୧୭ରେ କେନ୍ଦୁଝରେ ମାତୃନିଳୟଠରେ ଶ୍ରୀଅରବିନ୍ଦଙ୍କ ମହାସମାଧି ଦିବସ ପାଳିତ ହୋଇଯାଇଛି। ଏଥିରେ ଗୟାଧର ଦାଶ "ଶ୍ରୀଅରବିନ୍ଦ" ସମ୍ପର୍କରେ ଆଲୋଚନା କରିଥିଲେ।... ୧୦.୧୨.୧୭ରେ ପଦ୍ମପୁରସ୍ଥିତ ତରୁଣ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଜନାର୍ଦ୍ଦନ ଆର୍ଯ୍ୟ ଓ ଗୁନ ଚରଣ ସାହୁ ଅଂଶଗ୍ରହଣ କରିଥିଲେ।... ୧୧.୧୨.୧୭ରେ କଇନିପୁରାଠାରେ ସତୀର୍ଥ (ଶ୍ରୀଅରବିନ୍ଦ ଲାଇବ୍ରେରୀ) ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଶ୍ରୀକାନ୍ତ କୁମାର ସାହୁ, ଅନାଦି ଚରଣ ସ୍ୱାଇଁ ତଥା ବ୍ଲକ ଆବାହକମାନେ ଅଂଶଗ୍ରହଣ କରିଥିଲେ।... ୨୫.୧୧.୧୭ରେ ସାଧନାପୀଠ, ବେଲବାହାଳୀଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ "ଦିବ୍ୟ ଆତ୍ମାର ଉତ୍‌ଥାନ" ଓ "ଶ୍ରୀଅରବିନ୍ଦଙ୍କ ସିଦ୍ଧି ସମୂହ" ସମ୍ପର୍କରେ ସତ୍ୟେନ୍ଦ୍ରନାଥ ବେହେରା ଓ ଜନାର୍ଦ୍ଦନ ଆର୍ଯ୍ୟ, ଅଜୟ କୁମାର ସାହୁ ଓ କୀର୍ତ୍ତନ ବିହାରୀ ରାଉତ ଆଲୋଚନା କରିଥିଲେ।... ୩୧.୧୨.୧୭ରେ ପୁରୁଣିଆଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ ଫକୀରଚରଣ ଶଙ୍ଖୁଆ, ଜନାର୍ଦ୍ଦନ ଆର୍ଯ୍ୟ, ଅନନ୍ତ ଚରଣ ଖୁଣ୍ଟିଆ ଓ ଗୁନ ଚରଣ ସାହୁ "ଦିବ୍ୟ ଜୀବନ" ସମ୍ପର୍କରେ ଆଲୋଚନା କରିଥିଲେ।

**ସମର୍ପଣ ମଣ୍ଡଳ**

**କଳାହାଣ୍ଡି:-** ୧୩.୧୧.୧୭ରେ କୁମାରକାନିଠାରେ ପ୍ରସାଦ ତ୍ରିପାଠୀଙ୍କ ଦ୍ୱାରା ଏକ ନୂତନ ଶ୍ରୀଅରବିନ୍ଦ ଆଶ୍ରମ ପ୍ରତିଷ୍ଠା କରାଯାଇଥିଲା। ଏଥିରେ "ଶ୍ରୀଅରବିନ୍ଦ ଆଶ୍ରମ ଓ ତାର ଗୁରୁତ୍ୱ" ସମ୍ପର୍କରେ ବ୍ରଜ ମୋହନ ବେହେରା, ପ୍ରସାଦ ତ୍ରିପାଠୀ ଓ ଲଲାଟେନ୍ଦୁ ସାମନ୍ତ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଧର ସେଠୀ ଅଂଶଗ୍ରହଣ କରିଥିଲେ।... ୧୩.୧୨.୧୭ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବୋରିଆଠାରେ ଯୁବଛାତ୍ର ଶିବିରରେ ବ୍ରଜମୋହନ ବେହେରା ଓ ପ୍ରସାଦ ତ୍ରିପାଠୀ ଅଂଶଗ୍ରହଣ କରିଥିଲେ।

